# ବିଜ୍ଞାପନ ପ୍ରସାରଣ ସେବା, କଟକ

ତାରିଖ – ୧୪.୦୮.୨୦୧୩ (ବୁଧବାର)

୧. ଏହି ସୂଚନାଟି ଆକାଶବାଣୀର ସବୁ କେନ୍ଦ୍ରମାନଙ୍କ ପାଇଁ ୩୦ ମିନିଟ୍‌ର ପ୍ରାୟୋଜିତ କାର୍ଯ୍ୟକ୍ରମ "କାହ୍ନୁ କହେ କାହାଣୀ" ସମ୍ପର୍କରେ ।

ସୂଚନାଟି ହେଲା - ଆଜି ବୁଧବାର ୧୪ ତାରିଖ ସଂଧ୍ୟା ୬ଟା ୧୫ ମିନିଟ୍‌ରେ ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରିତ ହେବ ୩୦ ମିନିଟ୍‌ର ପ୍ରାୟୋଜିତ କାର୍ଯ୍ୟକ୍ରମ "କାହ୍ନୁ କହେ କାହାଣୀ" । ଏହି କାର୍ଯ୍ୟକ୍ରମକୁ ଆକାଶବାଣୀର ସବୁ କେନ୍ଦ୍ରମାନେ ଆକାଶବାଣୀ କଟକ କେନ୍ଦ୍ରରୁ Relay କରି ପ୍ରସାରଣ କରିବେ ।

୨. ଏହି ସୂଚନାଟି ଆକାଶବାଣୀ ଜୟପୁର, ସମ୍ବଲପୁର ଏବଂ ବାରିପଦା କେନ୍ଦ୍ରମାନଙ୍କ ପାଇଁ ।

ସୂଚନାଟି ହେଲା – ଭାରତ ସରକାରଙ୍କ Rural Development ବିଭାଗ ପକ୍ଷରୁ 30 second ର Jingle କିଛି ଦିନ ପରେ ୬ମାସ ପର୍ଯ୍ୟନ୍ତ State Hook-up ରେ ପ୍ରସାରଣ କରାଯିବ । ଏଥିପାଇଁ ଆକାଶବାଣୀ ଜୟପୁର, ସମ୍ବଲପୁର ଏବଂ ବାରିପଦା କେନ୍ଦ୍ରମାନେ 30 second ର Jingle ଗୁଡ଼ିକ ପ୍ରସ୍ତୁତ କରିବେ ।

ଆକାଶବାଣୀ ଜୟପୁର ଦେସିଆ, ସୌରା ଏବଂ କୁଇ ଭାଷାରେ, ଆକାଶବାଣୀ ସମ୍ବଲପୁର ସମ୍ବଲପୁରୀ ଭାଷାରେ ଏବଂ ଆକାଶବାଣୀ ବାରିପଦା ଶାନ୍ତାଳୀ ଭାଷାରେ Jingle ଗୁଡ଼ିକ ପ୍ରସ୍ତୁତ କରିବେ ।

ଏହାର ଓଡ଼ିଆ ଭାଷାର script ଆମେ କେନ୍ଦ୍ରମାନଙ୍କର Email ରେ ଏବଂ ଆମର website: www.cbscuttack.com ରେ upload କରିଦେଇଛୁ । ଏହାକୁ translate କରି କେନ୍ଦ୍ର ତିନୋଟି Jingle ଗୁଡ଼ିକ ପ୍ରସ୍ତୁତ କରିବେ ।

ଏହି ତିନୋଟି କେନ୍ଦ୍ରମାନଙ୍କ ଜଣାଇଦେଉଛୁ ଯେ, Jingle ଗୁଡ଼ିକ ପ୍ରସ୍ତୁତ କରିବା ପୂର୍ବରୁ ଏହାର script ଆମ ପାଖକୁ ଆମର Gmail ରେ ଆସନ୍ତା ୨୧ ଅଗଷ୍ଟ ସୁଦ୍ଧା ପଠେଇବାକୁ ଅନୁରୋଧ ।

୩. ଏହି ସୂଚନାଟି ଆକାଶବାଣୀ ସମ୍ବଲପୁର, ଜୟପୁର, ବ୍ରହ୍ମପୁର ଏବଂ ବଲାଙ୍ଗୀର କେନ୍ଦ୍ରମାନଙ୍କ ପାଇଁ ।

ସୂଚନାଟି ହେଲା – ଆସନ୍ତାକାଲି ଗୁରୁବାର ୧୫ ତାରିଖ ଅପରାହ୍ନ ୫ଟା ୩୦ମିନିଟ୍‌ରେ ପ୍ରସାରଣ ହେବାକୁ ଥିବା ୩୦ ମିନିଟ୍‌ର ପ୍ରାୟୋଜିତ କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ୍' । ବର୍ତ୍ତମାନ ଆମେ feed କରୁଛୁ । ଆକାଶବାଣୀ ସମ୍ବଲପୁର, ଜୟପୁର, ବ୍ରହ୍ମପୁର ଏବଂ ବଲାଙ୍ଗୀର କେନ୍ଦ୍ରମାନଙ୍କ ମଧ୍ୟରୁ ଯେଉଁ କେନ୍ଦ୍ରମାନେ ଏହି କାର୍ଯ୍ୟକ୍ରମକୁ ଆସନ୍ତାକାଲି ଗୁରୁବାର ୧୫ ତାରିଖ ଅପରାହ୍ନ ୫ଟା ୩୦ ମିନିଟ୍‌ରୁ ଆକାଶବାଣୀ କଟକ କେନ୍ଦ୍ରରୁ relay କରି ପ୍ରସାରଣ କରିପାରିବେନାହିଁ । ସେମାନେ ଏହାକୁ recording କରି ପ୍ରସାରଣ କରିବେ । ବର୍ତ୍ତମାନ ଆମେ ଏହି କାର୍ଯ୍ୟକ୍ରମକୁ feed କରୁଛୁ ।